Techofworld.In

ନିମ୍ନଲିଖିତ ପରିଚ୍ଛେଦଗୁଡ଼ିକୁ ପଢ଼ି ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଚୟନ କର।

ଦେଶଛାଡ଼ି ଜଣେ ଯଦି ବିଦେଶରେ କୋଡ଼ିଏ ବର୍ଷ ରହିଯାଏ ତେବେ ସେଇ ବିଦେଶଟା ତାଙ୍କର ଦ୍ୱିତୀୟ ଘର ହୋଇଯାଏ । ସବୁ ଅପ୍ରୀତିକର ସ୍ମୃତିକୁ ଭୁଲିଯାଇ ମୋହନ ଦକ୍ଷିଣ ଅଫ୍ରିକାର ଗୋଟିଏ ସୁନ୍ଦର ଚିତ୍ର ହୃଦୟରେ ଧରି ଫେରିଛନ୍ତି । ତାଙ୍କର ବିଦାୟକାଳୀନ ସଭାରେ ଭାରତୀୟଙ୍କ ସହିତ ଅନେକ ଇଂରେଜ ଉପସ୍ଥିତ ଥିଲେ। ବିଦାୟ ସମ୍ବର୍ଦ୍ଧନାର ଉତ୍ତର ଦେଇ ଗାନ୍ଧୀଜୀ କହିଲେ, "ଯଦି ମାତୃଭୂମି ପରେ କେଉଁ ଦେଶ ମୋର ଅଧିକ ପ୍ରିୟ, ପବିତ୍ର ହୋଇଥାଏ, ତେବେ ତାହା ହେଉଛି ଦକ୍ଷିଣ ଆଫ୍ରିକା। ମୁଁ ଦୁଃଖର ସହିତ ଏ ଦେଶ ଛାଡୁଛି। ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଓ ମୋ ଭିତରେ ଯେଉଁ ବ୍ୟବଧାନ ରହିବ ତାହା ବରଂ ମତେ ଏ ଦେଶ ଆଡ଼କୁ ଆକର୍ଷିତ କରିବ । ଦକ୍ଷିଣ ଆଫ୍ରିକାର କଲ୍ୟାଣ ଦେଖିବାକୁ ମୁଁ ବ୍ୟାକୁଳ ହେଉଥିବି । ଏଠି ମୋର ଦେଶବାସୀଙ୍କ ଠାରୁ ଯେଉଁ ଶ୍ରଦ୍ଧା ପାଇଛି ଏବଂ ୟୁରୋପୀୟମାନେ ମୋତେ ଉଦାରଭାବେ ସାହାଯ୍ୟ କରିବାକୁ ଯେଉଁଳି ଆଗେଇ ଆସିଛନ୍ତି । ତାହା ମୋର ସବୁଦିନେ ସ୍ମରଣ ରହିବ ।"

୧. ବିଦେଶ ଦ୍ୱିତୀୟ ଘର କେମିତି ପାଲଟେ ?

(କ) ବର୍ଷଟିଏ ରହିଗଲେ

(ଖ) କୋଡ଼ିଏ ବର୍ଷ ରହିଗଲେ

(ଗ) ନାଗରିକତ୍ୱ ଗ୍ରହଣ ନକେଲ

(ଘ) କୌଣସିଟି ନୁହେଁ ।

୨. ମୋହନ ଦକ୍ଷିଣ ଆଫ୍ରିକାରୁ କ'ଣ ନେଇ ଫେରିଲେ ?

(କ) ଫଟୋଚିତ୍ର

(ଖ) ସୁନ୍ଦର ପୋଷାକ

(ଗ) ଦକ୍ଷିଣ ଆଫ୍ରିକାର କଳାକୃତି

(ଘ) ହୃଦୟରେ ସୁନ୍ଦର ସ୍ମୃତି

୩. ବିଦାୟକାଳୀନ ସଭାରେ କେଉଁମାନେ ଥିଲେ ?

(କ) କେବଳ ଆଫ୍ରିକାର ଲୋକ

(ଖ) କେବଳ ଭାରତୀୟ

(ଗ) ଭାରତୀୟ ଓ ୟୁରୋପୀୟ

(ଘ) ଭାରତୀୟ ଓ ଇଂରେଜ

୪. ମାତୃଭୂମି ପରେ ଗାନ୍ଧୀ କେଉଁ ସ୍ଥାନ ପ୍ରିୟ ବୋଲି କହିଛନ୍ତି।

(କ) ଇଂଲଣ୍ଡ

(ଖ) ଦକ୍ଷିଣ ଆଫ୍ରିକା

(ଗ) ବାଂଲାଦେଶ

(ଘ) ନେପାଳ

୫. ସେଠିକାର ଗାନ୍ଧୀଙ୍କର କ'ଣ ସବୁଦିନ ରହିବ ବୋଲି କହିଛନ୍ତି ?

(କ) ସେଠିକାର ଖାଦ୍ୟ

(ଖ) ସେଠିକାର ଭାଷା

(ଗ) ଶ୍ରଦ୍ଧା ଓ ସାହାଯ୍ୟ

(ଘ) ଦର୍ଶନୀୟ ସ୍ଥାନ

**ପ୍ରଶ୍ନ ସଂ ୬ ରୁ ୧୦ ରେଖାଙ୍କିତ ବିଶେଷଣ କେଉଁ ପ୍ରକାର ନିର୍ଣ୍ଣୟ କର ?**

୬. <u>ନୀଳ</u> ଆକାଶ

(କ) ଗୁଣବାଚକ

(ଖ) ଅବସ୍ଥା ବାଚକ

(ଗ) ପରିମାଣ ବାଚକ

(ଘ) ନିର୍ଦ୍ଦିଷ୍ଟ ବାଚକ

୭. <u>ସାତ</u> ସମୁଦ୍ର

(କ) ଗୁଣ ବାଚକ

(ଖ) ସଂଖ୍ୟା ବାଚକ

(ଗ) ଅବସ୍ଥା ବାଚକ

(ଘ) ପରିମାଣ ବାଚକ

୮. <u>ଟିକିଏ</u> ଲୁଣ

(କ) ନିର୍ଦ୍ଦିଷ୍ଟତାବାଚକ

(ଖ) ପରିମାଣ ବାଚକ

(ଗ) ସଂଖ୍ୟା ବାଚକ

(ଘ) ଗୁଣ ବାଚକ

୯. <u>ଦୁର୍ବଳ</u> ଦେହ

(କ) ଅବସ୍ଥା ବାଚକ

(ଖ) ପରିମାଣ ବାଚକ

(ଗ) ଗୁଣ ବାଚକ

(ଘ) ସଂଖ୍ୟା ବାଚକ

୧୦. <u>ଦ୍ୱିତୀୟ</u> ପୁତ୍ର

(କ) ସଂଖ୍ୟା ବାଚକ

(ଖ) ପରିମାଣ ବାଚକ

(ଗ) ଅବସ୍ଥା ବାଚକ

(ଘ) ନିର୍ଦ୍ଦିଷ୍ଟତା ବାଚକ

**ପ୍ରଶ୍ନ ନଂ ୧୧ ରୁ ୧୩ ନିମ୍ନଲିଖିତ ତୁଳନାତ୍ମକ ବିଶେଷଣ କେଉଁ ମୂଳ ବିଶେଷଣରୁ ଉତ୍ପନ୍ନ ?**

୧୧. ବିର୍ଷିଷ୍ଠ

କ) ବର୍ଷୀୟାନ (ଖ) ବୃଦ୍ଧ

(ଗ) ବର୍ଷୀୟ (ଘ) ବର୍ଷ

୧୨. ଦର୍ପିଷ୍ଠ

(କ) ଦର୍ପୀ (ଖ) ଦର୍ପ

(ଗ) ଦର୍ପୀୟ (ଘ) ଦର୍ପୀୟାନ୍

୧୩. ଗରିଷ୍ଠ

(କ) ଗରୀୟାନ୍ (ଖ) ଗର

(ଗ) ଗୁରୁ (ଘ) ଗରୀୟ

Techofworld.In

Practice

୧୪. 'ବର' ର ତୁଳନାତ୍ମକ ବିଶେଷଣ କେଉଁଟି ?

(କ) ବରୀୟ (ଖ) ବଳିଷ୍ଠ

(ଗ) ବରିଷ୍ଠ (ଘ) ବର୍ଷିଷ୍ଠ

୧୫. 'କ୍ଷୁଦ୍ର'ର ତୁଳନାତ୍ମକ ବିଶେଷଣ କେଉଁଟି ?

(କ) କ୍ଷୁଦ୍ରତର (ଖ) ଗୁରୁତର

(ଗ) ଲଘୁତର (ଘ) ଉଚ୍ଚତର

**ପ୍ରଶ୍ନ ନଂ ୧୬ ରୁ ୨୦ ପର୍ଯ୍ୟନ୍ତ ଦିଆଯାଇଥିବା ଶବ୍ଦର ବିପରୀତ ଲିଙ୍ଗ ରୂପ ନିର୍ଣ୍ଣୟ କର ।**

୧୬. ଦୁଃଖିନୀ

(କ) ଦୁଃଖୀ (ଖ) ସୁଖୀ

(ଗ) ଦୁଃଖିନ୍ (ଘ) ସୁଖିନ୍

୧୭. ଦାତା

(କ) ଦାତୃ (ଖ) ଦେତ୍ରୀ

(ଗ) ଦାତ୍ରୀ (ଘ) ଦାତ୍ରିନୀ

୧୮. ଭୂୟସୀ

(କ) ଭୂୟସ୍ (ଖ) ଭୂୟାନ୍

(ଗ) ଭୂୟ (ଘ) ଭୂୟସନ୍

୧୯. ଧନଶାଳୀ

(କ) ଧନଶାଳିନ୍ (ଖ) ଧନୀ

(ଗ) ଧନଶୀଳ (ଘ) ଧନଶାଳିନୀ

୨୦. ମହାନ୍

(କ) ମହତ୍ (ଖ) ମହାନୀ

(ଗ) ମହତୀ (ଘ) ମହିନୀ

**ପ୍ରଶ୍ନ ନଂ ୨୧ ରୁ ୨୫ରେ ଦିଆଯାଇଥିବା ଏକବଚନ ଶବ୍ଦର ଉପଯୁକ୍ତ ବହୁବଚନ ରୂପ ନିର୍ଣ୍ଣୟ କର ।**

୨୧. ପକ୍ଷୀ

(କ) ପକ୍ଷୀମାନେ (ଖ) ପକ୍ଷୀଗୁଡ଼ିକ

(ଗ) ପକ୍ଷୀଗଣ (ଘ) ପକ୍ଷୀସବୁ

୨୨. ପୁଅ

(କ) ପୁଅମାନେ (ଖ) ପୁଅଗଣ

(ଗ) ପୁଅସବୁ (ଘ) ପୁଅଗୁଡ଼ିକ

୨୩. ତାହା

(କ) ଏହାସବୁ (ଖ) ଏସବୁ

(ଗ) ଏସସବୁ (ଘ) ସେଗୁଡ଼ିକ

୨୪. ବୃକ୍ଷ

(କ) ବୃକ୍ଷ ସବୁ (ଖ) ଜଙ୍ଗଲ

(ଗ) ବୃକ୍ଷ ଶ୍ରେଣୀ (ଘ) ବୃକ୍ଷ ସମୂହ

୨୫. ଛାତ୍ର

(କ) ଛାତ୍ରଗଣ (ଖ) ଛାତ୍ର ସମୂହ

(ଗ) ଛାତ୍ରବୃନ୍ଦ (ଘ) ଛାତ୍ରମାନେ

Techofworld.In

ପ୍ରଶ୍ନ ନଂ ୨୬ ରୁ ୩୦ ରେଖାଙ୍କିତ ପଦଗୁଡ଼ିକର ବଚନ ଓ ପୁରୁଷ ନିର୍ଣ୍ଣୟ କର ।

୨୬. ପବନରେ ଗଛ ଦୋହଲୁ ଅଛି ।

(କ) ପ୍ରଥମ ପୁରୁଷ ଏକବଚନ

(ଖ) ଦ୍ୱିତୀୟ ପୁରୁଷ ବହୁବଚନ

(ଗ) ତୃତୀୟ ପୁରୁଷ ଏକବଚନ

(ଘ) ଦ୍ୱିତୀୟ ପୁରୁଷ ଏକବଚନ

୨୭. ଆମ୍ଭଠାରେ ତୁମ୍ଭର କି କାମ ?

(କ) ପ୍ରଥମ ପୁରୁଷ ଏକବଚନ

(ଖ) ପ୍ରଥମ ପୁରୁଷ ବହୁବଚନ

(ଗ) ଦ୍ୱିତୀୟ ପୁରୁଷ ବହୁବଚନ

(ଘ) ତୃତୀୟ ପୁରୁଷ ବହୁବଚନ

୨୮. ଆପଣ କ'ଣ ଚାହାନ୍ତି ?

(କ) ପ୍ରଥମ ପୁରୁଷ ଏକବଚନ

(ଖ) ଦ୍ୱିତୀୟ ପୁରୁଷ ଏକବଚନ

(ଗ) ତୃତୀୟ ପୁରୁଷ ଏକବଚନ

(ଘ) ତୃତୀୟ ପୁରୁଷ ବହୁବଚନ

୨୯. ଜଳ ସମସ୍ତଙ୍କର ଜୀବନ ।

(କ) ଦ୍ୱିତୀୟ ପୁରୁଷ ବହୁବଚନ

(ଖ) ପ୍ରଥମ ପୁରୁଷ ବହୁବଚନ

(ଗ) ତୃତୀୟ ପୁରୁଷ ବହୁବଚନ

(ଘ) ଦ୍ୱିତୀୟ ପୁରୁଷ ଏକବଚନ

୩୦. ତୁମେ ମୋର ଭରସା ।

(କ) ପ୍ରଥମ ପୁରୁଷ ଏକବଚନ

(ଖ) ଦ୍ୱିତୀୟ ପୁରୁଷ ଏକବଚନ

(ଗ) ତୃତୀୟ ପୁରୁଷ ଏକବଚନ

(ଘ) ଦ୍ୱିତୀୟ ପୁରୁଷ ବହୁବଚନ

୩୧. କାରକ କେତେ ପ୍ରକାରର ?

(କ) ୪ (ଖ) ୫

(ଗ) ୬ (ଘ) ୬

୩୨. ଗୀତା ରଚନା ଲେଖୁଛି । ଏହି ବାକ୍ୟରେ କର୍ମକାରକ କିଏ ?

(କ) ଗୀତା (ଖ) ରଚନା

(ଗ) ଲେଖୁଛି (ଘ) କୌଣସିଟି ନୁହେଁ

୩୩. ନିମ୍ନୋକ୍ତ ମଧ୍ୟରୁ କେଉଁଠି 'ଅର୍ଜୁନ' କର୍ତ୍ତାକାରକ ?

(କ) ଅର୍ଜୁନ ଯୁଦ୍ଧ କଲେ

(ଖ) କୁନ୍ତୀ ଅର୍ଜୁନଙ୍କୁ କହିଲେ

(ଗ) କୃଷ୍ଣ ଅର୍ଜୁନଙ୍କୁ ଡ଼ାକିଲେ

(ଘ) କୌଣସିଟି ନୁହେଁ

୩୪. କେଉଟ ଜାଲରେ ମାଛ ଧରିଲା । ରେଖାଙ୍କିତ ପଦଟି କେଉଁ କାରକ ?

(କ) କର୍ମ (ଖ) କର୍ତ୍ତା

(ଗ) କରଣ (ଘ) ନିମିତ୍ତ

Techofworld.In

Techofworld.In



୩୫. ପବନରେ ଗଛରୁ ଫୁଲ ଝଡୁଛି । ରେଖାଙ୍କିତ ପଦଟି କେଉଁ କାରକ ?

(କ) ଅପାଦାନ (ଖ) ଅଧିକରଣ

(ଗ) ନିମିତ୍ତ (ଘ) କରଣ

୩୬. "ଲୋକଙ୍କର" । କେଉଁ ବିଭକ୍ତି ?

(କ) ଷଷ୍ଠୀ (ଖ) ପଞ୍ଚମୀ

(ଗ) ସପ୍ତମୀ (ଘ) ଚତୁର୍ଥୀ

୩୭. ଅସଂପନ୍ନ ଅତୀତ କାଳର କ୍ରିୟା କେଉଁଟି ?

(କ) ଖେଳୁଥିଲି (ଖ) ଖେଳିଲି

(ଗ) ଖେଳିଥିଲି (ଘ) ଖେଳିଛି

୩୮. କେଉଁଥିରେ ରେଖାଙ୍କିତ ପଦଟି ସମାପିକା କ୍ରିୟା ।

(କ) କେଉଟ ନଦୀରୁ ମାଛ ଧରି ବଜାରରେ ବିକିଲା ।

(ଖ) କେଉଟ ନଦୀରୁ ମାଛ ଧରିଲା ।

(ଗ) ମୁଁ ଡାକିଡାକି ଥକିଗଲି ।

(ଘ) ପୋଲିସ୍ ଆସନ୍ତେ ଚୋର ପଳାଇଲା ।

୩୯. 'ଖାଇବା'ର ମିଶ୍ର କ୍ରିୟା ।

(କ) ଖୁଆଇବା (ଖ) ଭୋଜନ କରିବା

(ଗ) ନ ଖାଇବା (ଘ) ଖାଇବା ନାହିଁ ।

୪୦. 'ପ୍ରତ୍ୟାବର୍ତ୍ତନ କରିବା'ର ଅମିଶ୍ର କ୍ରିୟା ।

(କ) ଫେରିବା (ଖ) ଯିବା

(ଗ) ଫେରି ଆସିବା

(ଘ) ପ୍ରତ୍ୟାବର୍ତ୍ତନ ନ କରିବା

୪୧. 'ବୁଡ଼ିବା' କେଉଁ ପ୍ରକାର କ୍ରିୟା ।

(କ) ସକର୍ମକ (ଖ) ଅକର୍ମକ

(ଗ) ଦ୍ୱି କର୍ମକ (ଘ) ଅସମାପିକା

୪୨. ଶର୍ମିଳା ଚତୁର, କିନ୍ତୁ ଧୂର୍ତ୍ତ ନୁହେଁ । ରେଖାଙ୍କିତ ପଦଟି ଏକ

(କ) ବିଶେଷ୍ୟ (ଖ) ବିଶେଷଣ

(ଗ) ସର୍ବନାମ (ଘ) ଅବ୍ୟୟ

୪୩. 'ସର୍ବଦା' ଏକ କେଉଁ ପ୍ରକାର ଅବ୍ୟୟ ?

(କ) କାଳବାଚକ

(ଖ) ନିଶ୍ଚୟାର୍ଥକ

(ଗ) ସମ୍ଭାବନା ସୂଚକ

(ଘ) ବିସ୍ମୟସୂଚକ

୪୪. ସୁର + ......... = ସୁରାସୁର

(କ) ସୁର (ଖ) ଅସୁର

(ଗ) ଆସୁର (ଘ) ସୁର

୪୫. ଭୂମି + ଅଧିକାରୀ = .........

(କ) ଭୂମିଧିକାରୀ (ଖ) ଭୂମିଅଧିକାରୀ

(ଗ) ଭୂମ୍ୟଧିକାରୀ (ଘ) ଭୂମ୍ୟଅଧିକାରୀ

Techofworld.In



୪୬. ତନୁ + ଅଙ୍ଗୀ = ................

(କ) ତନୁଙ୍ଗୀ (ଖ) ତନଙ୍ଗୀ

(ଗ) ତନଅଙ୍ଗୀ (ଘ) ତନ୍ୱଙ୍ଗୀ

୪୭. ସୂଚୀ + ଅଗ୍ର = ..............

(କ) ସୂଚିଗ୍ର (ଖ) ସୂଚ୍ୟଗ୍ର

(ଗ) ସୂଚୀଗ୍ର (ଘ) ସୂଚଗ୍ର

୪୮. ଅନୁ + ଏଷଣ = ..........

(କ) ଅନ୍ୱେଷଣ (ଖ) ଅନୁଷଣ

(ଗ) ଅନିଷଣ (ଘ) ଅନୀଷଣ

୪୯. ବଧୂ + ଆଗମନ

(କ) ବଧୂଗମନ (ଖ) ବଧୁଗମଣ

(ଗ) ବଧୂାଗମନ (ଘ) ବଧୂଗମନ

୫୦. ଜଳ + ଓଘ = ..........

(କ) ଜଳୋଘ (ଖ) ଜଳ୍ୱଘ

(ଗ) ଜଳୈଘ (ଘ) ଜଳୈଘ

୫୧. ନାହିଁ ରବ ଯାହାର ସେ, .............

(କ) ଗୌରବ (ଖ) ନିରବ

(ଗ) ଅରବ (ଘ) ସୌରବ

୫୨. ବିଗତ ପତ୍ନୀ ଯାହାତ ସେ, ............

(କ) ଅପତ୍ନୀକ (ଖ) ସପତ୍ନୀକ

(ଗ) ବିପତ୍ନୀକ (ଘ) ସୁପତ୍ନୀକ

୫୩. ବିଗତ ଧବ ଯାହାର ସେ, ..........

(କ) ବିଧବା (ଖ) ବିଧବ

(ଗ) ଅଧବ (ଘ) ସାଧବ

୫୪. ନଦୀ ମାତା ଯାହାର ସେ ...............

(କ) ନଦୀସନ୍ତାନ (ଖ) ନଦୀମାତୃ

(ଗ) ନଦୀଜ (ଘ) ନଦୀମାତୃକ

୫୫. 'ପୁଅ ଖେଳୁଛି' ଭାବବାଚ୍ୟରେ ପ୍ରକାଶିତ ହେଲେ ?

(କ) ଖେଳ ପୁଅଦ୍ୱାରା ଖେଳାଉଛି ।

(ଖ) ପୁଅ ଦ୍ୱାରା ଖେଳ ହଉଛି ।

(ଗ) ପୁଅର ଖେଳ ଲାଗିଛି ।

(ଘ) କୌଣସିଟି ନୁହେଁ ।

୫୬. ଯେଉଁ ଲୋକ ନ୍ୟାୟପରାୟଣ, ତାକୁ ନ୍ୟାୟ ରକ୍ଷା କରେ । କେଉଁ ପ୍ରକାର ବାକ୍ୟ ?

(କ) ସରଳ (ଖ) ଯୌଗିକ

(ଗ) ଜଟିଳ (ଘ) ମିଶ୍ର

୫୭. ରାମଚନ୍ଦ୍ର ରାବଣଙ୍କୁ ମାରିଲେ ଏବଂ ସୀତାଙ୍କୁ ଉଦ୍ଧାର କଲେ । କେଉଁ ପ୍ରକାର ବାକ୍ୟ ?

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) କୌଣସିଟି ନୁହେଁ ।

Techofworld.In



୫୮. ପୂର୍ଣ୍ଣଚ୍ଛେଦ ( । ) ଏକ ..........

(କ) ଅବ୍ୟୟ (ଖ) ବାକ୍ୟ ବିନ୍ୟାସ

(ଗ) ପଦ (ଘ) ବାକ୍ୟ ବିନ୍ୟାସ ଚିହ୍ନ

୫୯. 'ଦାନ'ର ବିଶେଷଣ ରୂପ ............

(କ) ଦୈତ (ଖ) ଦତ୍ତ

(ଗ) ପ୍ରଦତ୍ତ (ଘ) ଦୀନ

୬୦. 'ହୃତ' ର ବିଶେଷ୍ୟ ରୂପ .........

(କ) ହରଣ (ଖ) ହାତ

(ଗ) ହତାଶ (ଘ) ହୀତ

୬୧. 'ଭୋଜନ'ର ବିଶେଷଣ ରୂପ ............

(କ) ଭୋଜିତ (ଖ) ଭୁକ୍ତ

(ଗ) ଭୁଜିତ (ଘ) ଭୁଜ୍ୟ

୬୨. 'ଆହ୍ୱାନ'ର ବିଶେଷଣ ରୂପ ?

(କ) ଆହ୍ୱାନୀ (ଖ) ଆହ୍ୱାସୀ

(ଗ) ଆଭାନ (ଗ) ଆହୂତ

୬୩. 'ଭଙ୍ଗ'ର ବିଶେଷଣ ରୂପ ?

(କ) ଭଙ୍ଗିତ (ଖ) ଭଗ୍ନ

(ଗ) ଭିଙ୍ଗିତ (ଘ) ଭସ୍ମ

**ନିମ୍ନଲିଖିତ ରୂଢିର ଉପଯୁକ୍ତ ଅର୍ଥ ବାଛ ।**

୬୪. ଅହିନକୁଳ ସଂପର୍କ

(କ) ଘୋର ଶତ୍ରୁତା

(ଖ) ନିଜ ଲୋକର ଶତ୍ରୁତା ଆଚରଣ

(ଗ) ବିପଦରେ ପଡ଼ିବା

(ଘ) ସ୍ୱାର୍ଥ ହାସଲ ପାଇଁ ସାଧୁତା ଦେଖାଉ ।

୬୫. ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା ।

(କ) ନିଜେ ନିଜର ଶତ୍ରୁ ହେବା

(ଖ) ନିଜ ଚେଷ୍ଟାରେ ଉଠିବା

(ଗ) ଅସୁବିଧା ବା ବିପଦକୁ ବରଣ କରି ଆଣିବା

(ଘ) କୌଣସିଟି ନୁହେଁ

୬୬. ଜଡ଼ା ତେଲ, ମେଣ୍ଢା ବାଳ

(କ) ନିବିଡ଼ ସଂପର୍କ (ଖ) ତିକ୍ତ ସଂପର୍କ

(ଗ) ଘୋର ଶତ୍ରୁତା(ଘ) ଅତି ଅସ୍ଥିର ସ୍ୱଭାବ

୬୭. ମନ ଘର ଧରିବା

(କ) ଭୁଲ କରିବା

(ଖ) ଘର କଥା ମନେ ପଡ଼ିବା

(ଗ)ତିକ୍ତ ଅନୁଭୂତି ହେବା

(ଘ) କୌଣସିଟି ନୁହେଁ

୬୮. ମାଛି କୁ ମ ନ କହିବା ।

(କ) ଅତି ଶାନ୍ତଶିଷ୍ଟ

(ଖ) ମିଛ କହିବା

(ଗ) ଅଭିନୟ କରିବା

(ଘ) କୌଣସିଟି ନୁହେଁ

୬୯. ହାତରୁ ଖାଇଘୋଡ଼ା ଆଗରେ ଡ଼େଇଁବା

(କ) ସାବଧାନ ହୋଇ ଚଳିବା

(ଖ) ବ୍ୟର୍ଥ ପରିଶ୍ରମ କରିବା

(ଗ) ବିପଦକୁ ଡ଼ାକିବା

(ଘ) କୌଣସିଟି ନୁହେଁ

୭୦. ବାଟ ଭାଙ୍ଗିବା

(କ) ଅନ୍ୟାୟ କରିବା

(ଖ) ଭୁଲ ବୁଝିବା

(ଗ) ଅନ୍ୟବାଟେ ଯିବା

(ଘ) କୌଣସିଟି ନୁହେଁ

**ପ୍ରଶ୍ନ ନଂ ୭୧ ରୁ ୭୫ ଯାଏଁ ବିପରୀତ ଅର୍ଥ ବୋଧକ ଶବ୍ଦ ବାଛ ।**

୭୧. ତୋଷ

(କ) ରୋଷ (ଖ) ଦୁଃଖ

(ଗ) ଅଶାନ୍ତି (ଘ) ବାଧା

୭୨. ପୂର୍ବାହ୍ନ

(କ) ମଧ୍ୟାହ୍ନ (ଖ) ଅପରାହ୍ନ

(ଗ) ରାତ୍ର (ଘ) କୌଣସିଟି ନୁହେଁ

୭୩. ପଡ଼ିଆ

(କ) ଜଙ୍ଗଲ (ଖ) ଘନ

(ଗ)ଉଠିଆ (ଘ) କୌଣସିଟି ନୁହେଁ

୭୪. ଲମ୍ବ

(କ) ଛୋଟ (ଖ) କ୍ଷୁଦ୍ର

(ଗ) ବଡ଼ (ଘ) ଓସାର

୭୫. ରକ୍ଷକ

(କ) ଅରକ୍ଷକ (ଖ) ଭକ୍ଷକ

(ଗ) ଶତ୍ରୁ (ଘ) ମିତ୍ର

୭୬. 'ତରଙ୍ଗିନୀ' କାହାର ପ୍ରତିଶବ୍ଦ ?

(କ) ପୁଷ୍କରିଣୀ (ଖ) ନଦୀ

(ଗ) ହ୍ରଦ (ଘ) ସାଗର

୭୭. 'ଖଗ' କାହାର ପ୍ରତିଶବ୍ଦ ?

(କ) ହସ୍ତୀ (ଖ) ବିହଙ୍ଗ

(ଗ) ଆକାଶ (ଘ) ରାତି

୭୮. 'ଅମର' କାହାର ପ୍ରତିଶବ୍ଦ ?

(କ) ଦେବତା (ଖ) ଅମୃତ

(ଗ) ପୁଣ୍ୟ (ଘ) କୌଣସିଟି ନୁହେଁ

୭୯. 'ସରୋଜ' କାହାର ପ୍ରତିଶବ୍ଦ ?

(କ) ସୂର୍ଯ୍ୟ (ଖ) ପଦ୍ମ

(ଗ) ଆକାଶ (ଘ) ସୂର୍ଯ୍ୟମୁଖୀ

୮୦. 'ସଦନ' କାହାର ପ୍ରତିଶବ୍ଦ ?

(କ) ଘର (ଖ) ରାଜ୍ୟ

(ଗ) କୁସୁମ (ଘ) ସତ୍ୟ

Techofworld.In

ପ୍ରଶ୍ନ ନଂ ୮୧ ରୁ ୮୫ ଅଶୁଦ୍ଧ ରୂପର ଶୁଦ୍ଧ ରୂପ ବାଛ।

୮୧. ଅପଗଣ୍ଡ

(କ) ଆପଗଣ୍ଡ (ଖ) ଅପୋଗଣ୍ଡ

(ଗ) ଅପାଗଣ୍ଡ (ଘ) ଆପାଗଣ୍ଡ

୮୨. ଆଧିକ୍ୟତ

(କ) ଆଧିକ୍ୟ (ଖ) ଅଧିକ

(ଗ) ଆଧିକ (ଘ) ଅତ୍ୟାଧିକ

୮୩. ଆନୁସଙ୍ଗିକ

(କ) ଆନୁସଙ୍ଗିକ (ଖ) ଆନୁସଙ୍ଗୀକ

(ଗ) ଆନୂସଙ୍ଗିକ (ଘ) ଆନୁଷଙ୍ଗିକ

୮୪. ଇନ୍ଦ୍ରପ୍ରସ୍ତ

(କ) ଇନ୍ଦ୍ରପ୍ରସ୍ଥ (ଖ) ଇନ୍ଦ୍ରପ୍ରସ୍ଥ

(ଗ) ଇନ୍ଦ୍ରପ୍ରାସ (ଗ) କୌଣସିଟି ନୁହେଁ

୮୫. ନୀଛ

(କ) ନୀଚ (ଖ) ନିଛ

(ଗ) ନୀଚ଼ (ଘ) ନିଚୀ

୮୬. ର + କ ..........

(କ) କ୍ର (ଖ) ର୍କ

(ଗ) କ୍ରୁ (ଘ) କୌଣସିଟି ନୁହେଁ

୮୭. ଜ + ଞ = ..............

(କ) ଜ୍ଞ (ଖ) ଞ୍ଜ

(ଗ) ଞ୍ଚ (ଘ) କୌଣସିଟି ନୁହେଁ

୮୮. ଚ୍ + ଚ = ...........

(କ) ଛ (ଖ) ଚ୍ଚ

(ଗ) ଞ୍ଚ (ଘ) କୌଣସିଟି ନୁହେଁ

୮୯. ମ୍ + ଭ = ...........

(କ) ମ୍ଭ (ଖ) ମ୍ବ

(ଗ) ମ୍ର (ଘ) ମ୍ଣ

୯୦. ଞ + .......... = ଞ୍ଜ

(କ) ଚ (ଖ) ଛ

(ଗ) ଜ (ଘ) ଝ

୯୧. 'କାଏମ୍' କେଉଁ ବୈଦେଶିକ ଶବ୍ଦ ?

(କ) ଆରବୀ (ଖ) ଉର୍ଦ୍ଦୁ

(ଗ) ପାର୍ସୀ (ଘ) ଇଂରାଜୀ

୯୨. 'ରୋଡ୍' କେଉଁ ବୈଦେଶିକ ଶବ୍ଦ ?

(କ) ଇଂରେଜୀ (ଖ) ପାର୍ସୀ

(ଗ) ଉର୍ଦ୍ଦୁ (ଘ) ଆରବୀ

୯୩. 'ଭାତ' କେଉଁ ପ୍ରକାର ବିଶେଷ୍ୟ ?

(କ) ବସ୍ତୁବାଚକ (ଖ) ଜାତିବାଚକ

(ଗ) ଗୁଣବାଚକ (ଘ) କୌଣସିଟି ନୁହେଁ

Techofworld.In

୯୪. ବିଶେଷ୍ୟ କେତେ ପ୍ରକାରର ?

(କ) ୪ (ଖ) ୫

(ଗ) ୬ (ଘ) ୭

୯୫. 'ଅଭୀଷ୍ଟ' ଏଥିରେ କେଉଁ ଉପସର୍ଗ ଅଛି ?

(କ) ଅଭୀ (ଖ) ଅଭି

(ଗ) ଅପି (ଘ) ଅତି

୯୬. 'ଅତ୍ୟନ୍ତ' ଏଥିରେ କେଉଁ ଉପସର୍ଗ ଅଛି ?

(କ) ଅତି (ଖ) ଅତ୍ୟ

(ଗ) ଅ (ଘ) ଆ

**ଉପଯୁକ୍ତ ବାକ୍ୟ ବିନ୍ୟାସ ଚିହ୍ନ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।**

୯୭. ସେ ସବୁଥିରେ ପାରଙ୍ଗମ ପାଠ, ଶାଠ, ଖେଳ, କୁଦ

(କ) ! (ଖ) ;

(ଗ) : (ଘ) –

**ଉପଯୁକ୍ତ ବାକ୍ୟ ବିନ୍ୟାସ ଚିହ୍ନ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।**

୯୮. କି ଭୟଙ୍କର ଦୃଶ୍ୟ –

(କ) । (ଖ) ?

(ଗ) : (ଘ) !

୯୯. 'ବାଳକବାଳିକା' କେଉଁ ସମାସ ?

(କ) ଦ୍ୱନ୍ଦ୍ୱ

(ଖ) ଦ୍ୱିଗୁ

(ଗ) ବହୁବ୍ରୀହୀ

(ଘ) କୌଣସି ନୁହେଁ

୧୦୦. 'ଚିଲଆଖିଆ' କେଉଁ ସମାସ ?

(କ) ମଧ୍ୟପଦଲୋପୀ

(ଖ) ଦ୍ୱନ୍ଦ୍ୱ

(ଗ) ଦ୍ୱିଗୁ

(ଘ) ବହୁବ୍ରୀହି

Techofworld.In

| | | | | | | | | | |
|---|---|---|---|---|---|---|---|---|---|
| ୧. (ଖ) | ୨. (ଘ) | ୩ (ଘ) | ୪ (ଖ) | ୫ (ଗ) | ୬. (କ) | ୭. (ଖ) | ୮. (ଖ) | ୯. (କ) | ୧୦ (ଘ) |
| ୧୧. (ଘ) | ୧୨. (କ) | ୧୩ (ଗ) | ୧୪ (ଗ) | ୧୫ (କ) | ୧୬. (କ) | ୧୭. (ଗ) | ୧୮. (ଖ) | ୧୯. (ଘ) | ୨୦ (ଗ) |
| ୨୧. (ଗ) | ୨୨. (କ) | ୨୩ (ଘ) | ୨୪ (ଘ) | ୨୫ (ଗ) | ୨୬. (ଗ) | ୨୭. (ଖ) | ୨୮. (ଖ) | ୨୯. (ଗ) | ୩୦ (ଖ) |
| ୩୧. (ଗ) | ୩୨. (କ) | ୩୩ (କ) | ୩୪ (ଗ) | ୩୫ (ଖ) | ୩୬. (ଖ) | ୩୭. (କ) | ୩୮. (ଖ) | ୩୯. (ଖ) | ୪୦ (କ) |
| ୪୧. (ଖ) | ୪୨. (ଘ) | ୪୩ (କ) | ୪୪ (ଖ) | ୪୫ (ଗ) | ୪୬. (ଘ) | ୪୭. (ଖ) | ୪୮. (କ) | ୪୯. (ଗ) | ୫୦ (କ) |
| ୫୧. (ଖ) | ୫୨. (ଗ) | ୫୩ (କ) | ୫୪ (ଘ) | ୫୫ (ଗ) | ୫୬. (ଗ) | ୫୭. (ଗ) | ୫୮. (ଘ) | ୫୯. (ଖ) | ୬୦ (କ) |
| ୬୧. (ଖ) | ୬୨. (ଗ) | ୬୩ (ଖ) | ୬୪ (କ) | ୬୫ (ଖ) | ୬୬. (କ) | ୬୭. (ଗ) | ୬୮. (କ) | ୬୯. (ଖ) | ୭୦ (ଗ) |
| ୭୧. (କ) | ୭୨. (ଖ) | ୭୩ (ଗ) | ୭୪ (ଘ) | ୭୫ (ଖ) | ୭୬. (ଖ) | ୭୭. (ଖ) | ୭୮. (କ) | ୭୯. (ଖ) | ୮୦ (କ) |
| ୮୧. (ଖ) | ୮୨. (କ) | ୮୩ (ଘ) | ୮୪ (ଖ) | ୮୫ (କ) | ୮୬. (ଖ) | ୮୭. (କ) | ୮୮. (ଖ) | ୮୯. (ଖ) | ୯୦ (ଗ) |
| ୯୧. (କ) | ୯୨. (କ) | ୯୩ (କ) | ୯୪ (ଖ) | ୯୫ (ଖ) | ୯୬. (କ) | ୯୭. (ଗ) | ୯୮. (ଘ) | ୯୯. (କ) | ୧୦୦ (କ) |